https://t.me/debslibrarycorner

ରେକର୍ଡ଼

ରଜଦୋଳି ଗୀତ

ଲେଖକ ଓ ପ୍ରକାଶକ:—

ଶ୍ରୀ ମାଗୁଣୀ ମହାପାତ୍ର

ଗ୍ରା:—ବୋଦାପଡ଼ା, ପୋ:- ନୟାଗଡ଼,

ଜି:—ପୁରୀ,

ମୂଲ୍ୟ ଛ' ପଇସା

ରେକର୍ଡ

ରଜଦୋଳି ଗୀତ

ବନସ୍ତେ ଡାକିଲା ଗଜ
ବରଷକେ ଅଜ ଲୋ, ଆସିଛି ରଜ,
ଆସିଛି ରଜଲୋ, ଦେଇ ନୂଆ ସଜବାଜ ।୧

ବାଣିରୁ ଛାଡ଼ିଲା ଟେପା
ଗୋଡ଼ରେ ନାଇଛି ସରୁ ଅଲତା,
ସରୁ ଅଲତା ଲୋ, ମଥାରେ ସିନ୍ଦୁର ଟୋପା ।୨

ଉଡ଼ିଲା ଶୁଆ ନାହାକା
ଦୋଲିଠା କାହ୍ନୁଁକି ଲାଗୁଛି ଏକା,
ଲାଗୁଛି ଏକା ଲୋ, ଝୁଲୁଅ ପାହୁ ଦନ ଏକା ଏକା ॥

ପାଚିଲା ବଇଁଚି କୋଳି
ବେକରେ ନାଇଛି ଗଜରା ମାଳି,
ଗଜରା ମାଳି ଲୋ, ଝୁଲୁଅ ରଜରେ ଦୋଳି ।୩

ପଣସ ପାଚିଲା ବଣେ

ବନ ପୋଡ଼ିଗଲେ ଗୋ ଦୁନିଆ ଜାଣେ,
ଦୁନିଆ ଜାଣେ ଲୋ, ମନକଥା କିଏ ଜାଣେ ।୫।
ଖଙ୍ଗ ମଲମଲ ଗିନା
ଦରଦ ବୁଝିଲେ ଦରଦୀ ସିନା,
ଦରଦୀ ସିନା ଲୋ, ବଣିଆ ଗଢ଼େଇଛି ସୁନା ।୬।
ନିମ୍ବର ବୁଢ଼େ ଚନ୍ଦନ
ଦେବତା ଗଢ଼ିଲା ନାରୀ ଜୀବନ,
ନାରୀ ଜୀବନ ଲୋ, ଦେଲା ତହିଁ ଯଉବନ ।୭।
ଡେମଣା ଛାଡ଼ିଲା ଜାତ
ପୁରୁଷ ଶିକା ଲୋ ଭଅଁର ଜାତ,
ଭଅଁର ଜାତ ଲୋ, ନୂଆରେ ରସନ୍ତି ନାତ ।୮।
ଚନ୍ଦ୍ରରେ କଳଙ୍କ ଚିହ୍ନ
ନବ ଯଉବନୀ ଲୋ, କିଆଁ ଗୁମାନ
କିଆଁ ଗୁମାନ ଲୋ, ଅଇଲେଣି ଜୀବଧନ ।୯।
ପୋଖରୀ ତୁଠ ପଥର
ତତେ ଦେଖିଥିଲି ରେ ବାଲିବନ୍ଧର
ବାଲିବନ୍ଧର ରେ, ଆଖି ଥିଲା ଏତେଣେ ତୋର ।୧୦।

ସାହାଡ଼ା ଗଛର ଛାଲି
ସେ ଧନ କଥାକୁ ତୋ ମନେ ନାହିଁ
ତୋମନେ ନାହିଁଲେ, ଏତେ ମାନ କାହିଁପାଇଁ ।୧୧।
ଖୋସାରେ ଖୋସିଲି ଫୁଲ
କେତେ ତୁ ଦେଖାଉ ନୁଖୁରା ଗେଲ
ନୁଖୁରା ଗେଲ ରେ, ଭାଙ୍ଗି ନାହିଁ ଦୁଧଗାଲ ୧୨
ନଈରେ ଶୁଖିଲା ବାଲି
କେତେ ଫୁଲି ହେଉଛ ଲୋ ପୁଚୁକି ଗାଲି
ପୁଚୁକି ଗାଲି ଲୋ, ଦେଖାଉଛୁ କେତେ ବେଲି ।୧୩
ବାଜିଲା ତେଲଙ୍ଗୀ ବାଜା
ରଖିଛ ଯେ ଭାଉଣି ସ୍ନେହର ମଜା,
ସ୍ନେହର ମଜାରେ, ସେ ସିନା ମୋ ମନରଜା ୧୪
ଦୂର ପରବତ ଶୋଭା
କାଞ୍ଚନ ଫୁଲରେ ମଣ୍ଡିଛୁ ଗଭା,
ମଣ୍ଡିଛୁ ଗଭା ଲୋ, ସେତ ଯୁବା ମନ ଲୋଭା ।୧୫।
ପାଣିରେ କାଟିଲି ଗାର
ତାତପର ଦେଖିଛୁ କେତେ ନାଗର

କେତେ ନାଗରରେ, ଗୋଡ଼ଧୂଳି ସରିନୁହେ ମୋର ।
ବାସିଲି ମହୁଲି ବଣ
ନାକଟେଙ୍କି କେତେ କହୁ ତୁ ଝାଣି ଲୋ
କହୁ ତୁ ଝାଣି ଲୋ, ଭଙ୍ଗିଯିବ ସଙ୍ଗପଣ ।୧୭।
ବୟସ ବାର ତେଏର
କାହୁଁ ଶିଖିଲୁ ତୁ ଏତେ ନାଗର ।
ଏତେ ନାଗରରେ, ଅଚ୍ଛୁତ ବୟସ ତୋର ।୧୮।
ପାର୍ ଖାଇଗଲା ଧାନ
ତୁମେ କି ବୁଝିବ ଆମର ମନ
ଆମର ମନ ଲୋ, ସହୁ କେତେ ସ୍ୱାନମାନ ।୧୯।
ଘାସରେ ମାଇ କାକର
କଠାରେ ପାଣିରେ ପକାଉ ସର
ପକାଉ ସରରେ କଥାରେ, ରହୁଛି ଫେର ।୨୦
ସମ୍ବଲପୁରିଆ ଲୁଲ
ଥିର ଥିର କରି ଦୋଲକି ଝୁଲି
ଦୋଲକି ଝୁଲି ଲୋ, ବାସ ତୋର ଉଡ଼ିଗଲା ।୨୧।
ଉସୁନା ଘୁଷଲ ଚୁନା

କେତେ ଝାହୁଲ୍ଲୁରେ କାଲିଆ ସୁନା
କାଲିଅସୁନାରେ, ମୋ ଆଡ଼କୁ ଥରେ ଅନା ।୨୨।
ବଣରେ ଫୁଟିଲ୍ ମଲ୍ଲି
ରସରେ ଉବୁଛୁ ନବ ଛଇଲ୍
ନବ ଛଇଲଲୋ, ରଖିବୁନି ମୋର ଅଳି ।୨୩।
କଇଥ ଗଛର ଅଠା
ଭୁନି ଭୁନି କହୁରେ ନଜର ହଟା
ନଜର ହଟାରେ, ସବୁରାତ ଫଳ ମିଠା ।୨୪।
ପହିଲି ରଙ୍ଗର ଦୋଳି
ଡୋର ଭୁଲେ ସହୁ ଲୋ ସବୁ ବଙ୍କାଳି
ସବୁ କଙ୍କାଳିଲେ, ଖେଳିବି ମୁଁ ଆଜି ଦୋଳି ।୨୫।
ଫୁଟିଲ୍ ବନେ ମାଲତୀ
ଦଗାଦାର ସିନା ଗୋ ପୁରୁଷ ଜାତି
ପୁରୁଷ ଜାତି ଗୋ, ନିତି ନୂଆ ଖୋଜୁଥାନ୍ତି ।୨୬।
ବୁଲୁଛି ବନେ ହରିଣୀ
ହସି ଗୀତ ଗାଉଲେ ନବ ରଙ୍ଗିଣୀ
ନବ ରଙ୍ଗିଣୀ ଲୋ, ପଥର ହୁଅଇ ପାଣି ।୨୭।

କରଞ୍ଜ ପତର ନାଲି
ମନଭୁଲା ସ୍ୱିଡଟି ଜାଣିଛ ଖାଲି
ଜାଣିଛ ଖାଲି ଗୋ, ମୋ ଚିତ୍ତ ହଣିବ ବୋଲି ।୧୮
ସମ୍ବଲ ପୁରଅ ଶାଢୀ
ନାଲି ନାଲି ଡୋର ଲୋ ହାତ ପାପୁଲି
ହାତ ପାପୁଲି ଲୋ, ଦେଖି ମୁଁ ଜୀବନ ଦେଲି ।୨୯।
କାଠଯୋଡ଼ ନୂଆ ପୋଲ
ଭଲ ଲଗୁନାହୁଁ ଭ୍ରମର ଗେଲ
ଭ୍ରମର ଗେଲ ଗୋ, କରନା ଆଉ କଥାଳି ।୩୦।
କଳା ପାଣିରେ ଜାହାଜ
କାଲିକି ନ ଥିବ ଆଜ ମଉଜ
ଆଜ ମଉଜ ଲୋ, ଆହା ଯା ପାହିଲି ରଜ ।୩୧।
ହାଣ୍ଡି ଭଙ୍ଗେ ବରଡ଼ାଲି
ଦନଠାରେ ଭର ମୋସଙ୍ଗେ ଗୋଲ
ମୋ ସଙ୍ଗେ ଗୋଲ, ହସିବେ ସଙ୍ଗିନୀ ଦଳ ।୩୨।
ବଣରେ ଫୁଟିଲି ମଲ୍ଲୀ
କାହାଠାରୁ ଶିଖିଛ ଏ ନୂଆ ଗୁଲି

ଏ ନୂଆ ଗୁଲ୍ ଲୋ, ଖେଳୁଛୁ ବାଙ୍କି ଗିଅଲି ।୩୩।
ନଇରେ ଗୁଲେ ବାଳିଆ
ମୁଁ ତ ସୁନାଗୋସ୍ତି ତୁମ୍ଭେ କାଳିଆ
ତୁମେ କାଳିଆ ଗୋ, ନାଗରୁପ ରଙ୍ଗଲଥା।୩୪।
କିଆ ଫୁଟି ଲୁଟେ ବାସ
ତୋ ନାଲ୍ ଓଠରେ ମୁରୁକି ହସ
ମୁରୁକି ହସ ଲୋ, ହସି ମତେ କଲୁ ବଶ ।୩୫।
ଢୋଠାହରେ ଡାକେ କୋଇଲି
ଭାବଛକି ମୋତେ ଗୋ କଣା ପୋଇଲି
କଣା ପୋଇଲି ରେ, ଶୁଣିବ ଏଣିକି ଗାଳି ।୩୬।
ନଇରେ କୁଅର ପାଣି
ଅସ ଅସ ତୋମାର ନଗା ସଇଜ ସାଣି
ସଇଜ ସଣୀ ଲୋ, ଖେଳିବା ଥିବ ଫୁଲଣୀ ।୩୭।
ଯାଉଛି ଉଡ଼ା ଜାହାଜ
ମୋତେ ଛାଡି ତୁମେ ଗୋ ହେବ ମଉଜ
ହେବ ମଉଜ ଲୋ, ମୋତେ ମାରୁଅଛୁ ଲାଜ ।୩୮। ସମାପ୍ତ

ବ୍ରହ୍ମପୁର ରାଧାକୃଷ୍ଣ ପ୍ରେସ୍‌ରେ, ଶ୍ରୀ ମଙ୍ଗୁଲି ସାହୁଙ୍କ
ଦ୍ୱାରା ମୁଦ୍ରିତ, ୧୯୫୨